## ଜଳିଗଲା ୩ ବଖରା, ଥାନାରେ ଅଭିଯୋଗ

ମହାକାଳପଡ଼ା,(ଡି.ଏନ୍.ଏ.): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ନାଞ୍ଜୁରା ଗାଁରେ ସୋମବାର ବିଳମ୍ବିତ ରାତିରେ ନିର୍ମଳା ବିଶ୍ୱାଳଙ୍କ ୩ ବଖରା ସହ ଆସବାବପତ୍ର, ଧାନ, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଅଗ୍ନି ବିପନ୍ନଙ୍କ ପାଖ ପଡୋଶୀ ନିଆଁ ଲଗାଇ ଦେଇଥିବା ନିର୍ମଳା ତାନ୍ତିଆପାଳ ସାମୁଦ୍ରିକ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସ୍ୱାଇଁ କହିଛନ୍ତି। ନିଆଁ ଲାଗିଥିବା ବାସସ୍ଥାନ ଜମି ଅଭିଯୋଗକାରିଣୀଙ୍କ ନାମରେ ନ ଥିବାରୁ କେସ୍ ପଞ୍ଜୀକୃତ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ରୀଙ୍କ ମୃତ୍ୟୁ

ଆଳି,୧୯।୧(ଡି.ଏନ.ଏ.): ଆଳି ଥାନା ଖଣ୍ଡିଆପାଟଣା ଗାଁରେ ସୋମବାର ଜଣେ ୨ୟ ଶ୍ରେଣୀ ଛାତ୍ରୀଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଖଣ୍ଡିଆପାଟଣା ଗାଁର କ୍ଷୀରୋଦ ରାଉତଙ୍କ ଝିଅ ତାନିଆ ଅପରାହ୍ନ ସାଢେ ୨ଟାରେ ବାରିପଟକୁ ଯାଇଥିଲେ। ଏହି ସମୟରେ ସେ ପୋଖରୀରେ ଖସି ପଡିଥିଲେ। ତାନିଆଙ୍କୁ ପରିବାର ଲୋକେ ନ ପାଇ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ତାଙ୍କ ଭାଇ ପୋଖରୀରୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାନିଆ ଭୁବନେଶ୍ୱରରେ ରହୁଥିଲେ। କିଛିଦିନ ହେବ ସେ ଗାଁକୁ ବୁଲିବାକୁ ଆସିଥିଲେ।

### ନାବାଳକ ଚାଳକଙ୍କୁ ୩୩ ହଜାର ଜରିମାନା

କେନ୍ଦ୍ରାପଡ଼ା ଅଫିସ,୧୯।୧: ପଟ୍ଟାମୁଣ୍ଡାଇ ବ୍ଲକ କୁଳସାହି ଗାଁର ନାବାଳକ ଗାଡ଼ି ଚାଳକଙ୍କୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩୩ ହଜାର ଟଙ୍କା ସୋମବାର ଜରିମାନା କରାଯାଇଥିଲା। ନାବାଳକ ଜଣକ ହେଲେ ପ୍ରମୋଦ କୁମାର ଆରୁଖ। ତାଙ୍କ ଗାଡି ରେଜିଷ୍ଟ୍ରେଶନ ବାତିଲ ହେବ ବୋଲି ଆରଟିଓ ନିଖିଳ କୁମାର ପଟ୍ଟନାୟକ କହିଛନ୍ତି। ପ୍ରମୋଦ ନାବାଳକ ହୋଇଥିବା ସତ୍ତ୍ୱେ ଗାଡି ଚାଳନା କରୁଥିଲେ। ଏଥିପାଇଁ ୨୫ ହଜାର ଟଙ୍କା ସହ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ, ଇନ୍ସୁରାନ୍ସ ନ ଥିବାରୁ ଅଧିକ ୮ ହଜାର ଟଙ୍କା ଜରିମାନା ହୋଇଛି। ଏହାସହ ତାଙ୍କ ଲାଇସେନ୍ସ ୨୫ବର୍ଷ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି ବୋଲି ଆରଟିଓ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଡିଜେଲ ବୋଝେଇ ପିକ୍‌ଅପ୍ ଜବତ, ୩ କୋର୍ଟ ଚାଲାଣ

ପାଣିକୋଇଲି,୧୯।୧(ଡି.ଏନ.ଏ.): ପାଣିକୋଇଲି ଛକରୁ ପୋଲିସ ୯୦୦ ଲିଟର ଚୋରା ଡିଜେଲ ବୋଝେଇ ଏକ ପିକ୍‌ଅପ୍‌କୁ ଜବତ କରିଛି। ଏହି ଘଟଣାରେ ପାଣିକୋଇଲି ଥାନା ପୋଲିସ ଗାଡ଼ି ଚାଳକ ଧାମନଗର ଥାନା ଦଇପୁର ଗ୍ରାମର ଧୀରଜ ଜେନା, ମାଲିକ ଗୌତମ ଓ ବେପାରୀ ରାଜେନ୍ଦ୍ର ବେହେରାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। କୋରେଇ ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଆଲିଆ ଛକରେ ଆଲିଆ ଗ୍ରାମର ରାଜେନ୍ଦ୍ର ବେହେରା ତେଜରାତି ଦୋକାନ କରିଛନ୍ତି। ଦୋକାନରେ ସେ ଚୋରା ଡିଜେଲ ବିକ୍ରି କରନ୍ତି। ଏନେଇ ଥାନାରେ ଏକ ମାମଲା ୨୫/୨୧ ରୁଜୁ ହୋଇଛି।

### ଭଲିବଲ ଟୁର୍ଣ୍ଣାମେଣ୍ଟ, ଖୁରୁସିଆ ଚାମ୍ପିୟନ

ମାର୍ଶାଘାଇ,୧୯।୧(ଡି.ଏନ.ଏ.): ମାର୍ଶାଘାଇ ବ୍ଲକ ଶାସନିପଡା ମେଲଣ ପଡିଆରେ ମା’ରାମଚଣ୍ଡୀ ଭଲିବଲ କ୍ଲବ ପକ୍ଷରୁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଯାଇଛି। ଖେଳରେ ଖୁରୁସିଆ ଟିମ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଖୁରୁସିଆ ଓ କେନ୍ଦ୍ରାପଡା ମଧ୍ୟରେ ହୋଇଥିଲା। ଖୁରୁସିଆ ୨-୦ରେ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳକୁ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ନନ୍ଦ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। କ୍ଲବ ସଦସ୍ୟ ଲିଟୁ ଚୌଧୁରୀ, ଲିଟୁ ସାମନ୍ତରାୟ, ସୁନୀଲ ସାମନ୍ତରାୟ, ବବୁଲ ରାୟ, ବୁଟୁ ବଳବନ୍ତରାୟ ଖେଳ ପରିଚାଳନା କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମାରକୀସ୍ତମ୍ଭ ନିର୍ମାଣ ଦାବି

ଧର୍ମଶାଳା,୧୯।୧ (ଡି.ଏନ.ଏ.): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଲକ୍ ଛକରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ସ୍ମାରକୀସ୍ତମ୍ଭ ନିର୍ମାଣ ନିମନ୍ତେ ଛୋଟମୋର ଗାଁ ସଙ୍ଗଠନ ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଲକ ଛକଠାରେ ଏକ ଗୋଲେଇ ଛକ ନିର୍ମାଣ କରାଯାଇଛି। ଏହାର ଚତୁପାର୍ଶ୍ୱରେ ସଂଗ୍ରାମୀ ବଂଶୀଧରଙ୍କ ଗାଁ ରହିଛି। ଏହାର ପୃଷ୍ଠଭୂମିକୁ ଲକ୍ଷ୍ୟ କରି ସ୍ମାରକୀସ୍ତମ୍ଭ ସ୍ଥାପନ କରାଗଲେ ଏହା ଗ୍ରହଣଯୋଗ୍ୟ ହେବ ବୋଲି ସଙ୍ଗଠନ ସଭାପତି ଦେବବ୍ରତ ରାଉତ ମତ ରଖିଛନ୍ତି।

# ଜୁଆର ଆଗରେ ଜିଓ ଟ୍ୟୁବ୍‌ୱାଲ ଫିକା

କେନ୍ଦ୍ରାପଡ଼ା ଅଫିସ, ୧୯।୧



ଜିଓ ସିନ୍ଥେଟିକ୍ ଟ୍ୟୁବ୍ ୱାଲ୍‌କୁ ସୁରକ୍ଷା ଦେବାକୁ ନିର୍ମିତ ପଥର ବନ୍ଧ।

- ସୁନାମି ପ୍ରବଣ ୬୪ ଗ୍ରାମକୁ ରହିଛି ବିପଦ
- ପେଣ୍ଠକୁ ନିରୀକ୍ଷଣ ପାଇଁ ବିଶେଷଜ୍ଞଙ୍କ ଆବଶ୍ୟକ
- ହେନ୍ତାଳବଣ ସୃଷ୍ଟି ହେଲେ ତଟକ୍ଷୟ ରୋକିପାରିବ

କେନ୍ଦ୍ରାପଡ଼ା ସହରରେ ୨୦୧୯ରେ ସାମୁଦ୍ରିକ ତଟକ୍ଷୟ, ଏହାର ନିରାକରଣ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ସମୁଦ୍ର ବିଜ୍ଞାନ ବିଶେଷଜ୍ଞ ଡ. କେ. ନାଗେଶ୍ୱର ରାଓ ଯୋଗଦେଇଥିଲେ। ସେ କହିଥିଲେ ରାଜନଗର ବ୍ଲକ ପେଣ୍ଠଠାରେ ନିର୍ମିତ ଜିଓ ସିନ୍ଥେଟିକ ଟ୍ୟୁବ୍‌ୱାଲ ଦ୍ରୁତଗତିରେ ବଢ଼ି ଚାଲିଥିବା ତଟକ୍ଷୟ ରୋକିବାର ଶେଷ ସମାଧାନ ନୁହେଁ। ତାଙ୍କର ଏହି ଅନୁଶୀଳନ ମାତ୍ର ଦେଢ଼ବର୍ଷ ମଧ୍ୟରେ କେନ୍ଦ୍ରାପଡ଼ାବାସୀ ଅନୁଭବ କରୁଛନ୍ତି। ପେଣ୍ଠସ୍ଥ ସାମୁଦ୍ରିକ ଜୁଆର ଏବେ ଭୟଙ୍କର ହୋଇଛି। ଟନ ଟନ ପଥରକୁ ଜୁଆର ସମୁଦ୍ର ମଧ୍ୟକୁ ଟାଣି ନେଉଛି। ସେହିପରି ଗାବିଅନ ବକ୍ସର ଜାଲି ଛିଡିଯାଉଛି। ଏଠାରେ ଥିବା ପ୍ରାୟ ୨୦୦ମିଟର ବେଳାଭୂମି ଦେଢ଼ବର୍ଷ ମଧ୍ୟରେ ୨୦ ମିଟରକୁ ଖସି ଆସିଛି। ଏହି ଜିଓ ଟ୍ୟୁବୱାଲର କ୍ରମାଗତ ନଷ୍ଟ ଫଳରେ ଆଗାମୀ ଦିନରେ ବିରଳ ଅଲିଭରିଡଲେଙ୍କ ଆଗମନ ହ୍ରାସ ସହ ଜିଲାରେ ଚିହ୍ନଟ ହୋଇଥିବା ସୁନାମିପ୍ରବଣ ୬୪ ଗ୍ରାମକୁ ବିପଦ ମାଡି ଆସୁଛି।

ଏ ସମ୍ପର୍କରେ ସାମାଜିକ କର୍ମୀ କ୍ଷିତୀଶ କୁମାର ସିଂହ କହିଛନ୍ତି, ୧୯୯୯ରେ ପେଣ୍ଠଠାରେ ୧୩ ମିଟର ତଟକ୍ଷୟ ହୋଇଥିଲା। ଏହା ପୂର୍ବରୁ ଏହି ଅଞ୍ଚଳରେ ପ୍ରାୟ ୬ରୁ ୮ ମିଟର ତଟକ୍ଷୟ ହେଉଥିଲା। ଏହାକୁ ରୋକିବାକୁ ରାଜ୍ୟ ସରକାର ୨୦୦୮ରେ ଜିଓ ସିନ୍ଥେଟିକ ଟ୍ୟୁବୱାଲ ନିର୍ମାଣ ପାଇଁ ସିଦ୍ଧାନ୍ତ ନେଇଥିଲେ। ଆଇଆଇଟି ଚେନ୍ନାଇର ସାମୁଦ୍ରିକ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ପ୍ରାଥମିକସ୍ତରରେ ୧୬ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ନିର୍ମାଣ ଶେଷ ବେଳକୁ ପ୍ରାୟ ୩୪ କୋଟି ଟଙ୍କାରେ ପହଞ୍ଚିଥିଲା। ସେହି ସମୟରେ ପେଣ୍ଠ ନିକଟବର୍ତ୍ତୀ ୫୬ ଗ୍ରାମର ୩୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହି ଟ୍ୟୁବୱାଲ ସୁରକ୍ଷା ଦେବ ବୋଲି ଆକଳନ କରାଯାଇଥିଲା। ଟ୍ୟୁବୱାଲ ନିର୍ମାଣ ପରେ ସେଠାରେ ଏକ ନୂତନ ବେଳାଭୂମି ସୃଷ୍ଟି ହେବ ବୋଲି କୁହାଯାଇଥିଲା। ତେବେ ୩ ବର୍ଷ ପୂର୍ବେ ଏହି ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ୍ୟ ତଟକ୍ଷୟକୁ ରୋକାଯାଇ ପାରୁନାହିଁ। ଅଧିକନ୍ତୁ ସମୁଦ୍ରର ଉତ୍ତାଳ ଜୁଆରରେ ଦେଢ଼ବର୍ଷ ମଧ୍ୟରେ ଜିଓ ଟ୍ୟୁବୱାଲର ବହୁ କ୍ଷତି ଘଟିଛି। ନିକଟସ୍ଥ ପ୍ରାୟ ୨ ବର୍ଗ କି.ମି. ଅଞ୍ଚଳକୁ ବାଲିଚର କରିଦେଇଛି। ଏପରି ତଟକ୍ଷୟ ବଢ଼ି ଚାଲିଲେ ସୁନାମିପ୍ରବଣ ୬୪ ଗ୍ରାମ ଅଳ୍ପ ବର୍ଷ ମଧ୍ୟରେ ନିଶ୍ଚିହ୍ନ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପଶ୍ଚିମବଙ୍ଗର ଦୀଘାଠାରେ ଜିଓ ଟ୍ୟୁବୱାଲ ସଫଳ ହୋଇ ନ ଥିବା ବେଳେ ପେଣ୍ଠରେ ସମାନ ଅବସ୍ଥା ସୃଷ୍ଟି ହୋଇଛି। ପାରାଦୀପ ବନ୍ଦର ନିର୍ମାଣ ପୂର୍ବରୁ ପେଣ୍ଠରେ ଏତେ ପରିମାଣରେ ତଟକ୍ଷୟ ହେଉ ନ ଥିଲା। ବନ୍ଦର ପାଇଁ ପଥର ପ୍ୟାକିଂ ପରେ ଏଠାରେ ତଟକ୍ଷୟ ବଢୁଛି। ଏହାର ପ୍ରାଥମିକ ସମାଧାନ ହେନ୍ତାଳ ବଣ ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳର ବିଶ୍ଳେଷଣ ଆବଶ୍ୟକ ଅଛି। ଯେଉଁ ସ୍ଥାନ ରାଜ୍ୟ ପର୍ଯ୍ୟଟନସ୍ଥଳ ଭାବେ ବ୍ୟବହାର ହେଉଥିଲା, ତାହା ଏବେ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଛି। ୨୦୨୦ ନଭେମ୍ବର ପେଣ୍ଠ ବେଳାଭୂମିରେ ୨ ଜଣ ଯୁବକଙ୍କ ସଲିଳ ସମାଧି ହୋଇଥିଲା। ଏହାପରେ ବେଳାଭୂମିରେ ୧୪୪ ଧାରା ଜାରି ହୋଇଛି। ତୁରନ୍ତ ସାମୁଦ୍ରିକ ବିଜ୍ଞାନୀଙ୍କୁ ନିରୀକ୍ଷଣ ପାଇଁ ଏଠାକୁ ଅଣାଯିବା ଜରୁରୀ ହୋଇଥିବା ସେ ମତ ଦେଇଛନ୍ତି। ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ, ତଟକ୍ଷୟକୁ ନେଇ ଜିଲା ପ୍ରଶାସନ ସଜାଗ ଅଛି। ଏ ନେଇ ପୂର୍ବରୁ ବୈଠକ ସହ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# କୃଷି ବିଭାଗ ଉପଶାସନ ସଚିବଙ୍କ ପରିଦର୍ଶନ



ହରିଦାସପୁର କ୍ଷତିଗ୍ରସ୍ତ ବାଦାମ ଫସଲ ପ୍ରତିକାର ସମ୍ପର୍କରେ ଉପଶାସନ ସଚିବ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପାଟକୁରା, ୧୯।୧ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସିଥିବା ରାଜ୍ୟ ସରକାରଙ୍କ କୃଷି ବିଭାଗର ଉପଶାସନ ସଚିବ ପ୍ରାଚୀ ମହାପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନେ ଗରଦପୁର ବ୍ଲକ ଅଞ୍ଚଳ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ସେମାନେ କୋଭିଡ୍ ଓ ବନ୍ୟା ପ୍ୟାକେଜ୍‌ରେ ଚାଷୀମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସବୁ ବୁଲି ଦେଖିଥିଲେ। ନଡ଼ିଆବରାଇ ଓ ଭାରିଗୋଳ ଗାଁରେ ଥିବା ଫାର୍ମପଣ୍ଡ, ବଡ଼ବେତରା ଗାଁରେ ଥିବା ଆଖୁଚାଷ କ୍ଷେତ, ଆମ୍ବ, ଛତୁ, ଗରଦପୁର ଗାଁରେ କରାଯାଇଥିବା କଲରା ଚାଷ ବୁଲି ଦେଖିଥିଲେ। ହରିଦାସପୁର ଗାଁରେ ଚାଷ କରାଯାଇଥିବା ଚିନାବାଦାମ ଗଛରେ ପତ୍ରଖିଆ ପୋକ ବ୍ୟାପକ ଫସଲ କ୍ଷତି କରିଛନ୍ତି। ତୁରନ୍ତ ମାଗଣାରେ କୀଟନାଶକ ସିଞ୍ଚନ କରିବାକୁ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତିଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ପାଖଡ଼ ଓ ପଦ୍ମପୁର ଗାଁରେ ମଧ୍ୟ ବାଦାମ ଫସଲ ପତ୍ରଖିଆ ପୋକରେ ବ୍ୟାପକ କ୍ଷତି ହୋଇଥିବା ଦେଖିଥିଲେ। ସ୍ୱତନ୍ତ୍ର ଟିମ୍‌ରେ ସହକାରୀ ଶସ୍ୟ ସଂରକ୍ଷଣ ନିର୍ଦ୍ଦେଶକ ନନ୍ଦିନୀ ଦଳାଇ, ଶସ୍ୟ ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଭାସ୍କର ବାରିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୂର୍ଯ୍ୟପ୍ରକାଶ ମିଶ୍ର ଓ ତାପସ ରଞ୍ଜନ ସାହୁ, ଶ୍ରୀରାମ ରତନ ପ୍ରଧାନ, ସତ୍ୟବ୍ରତ ସାହୁ, ଡ. ଦୟାନିଧି ବାଗ୍, ସେକ୍ ହୁସେନ୍, ଦୀପକ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ବିଭିନ୍ନ ସ୍ଥାନରେ କୃଷକଙ୍କ ସହ ସମ୍ପୃକ୍ତ କୃଷି ସଂକ୍ରାନ୍ତୀୟ ଆଲୋଚନା କରିଥିଲେ।

# ପୋଲିସ ହେପାଜତରେ ମୃତଦେହ ଘରେ ପହଞ୍ଚିଲା

## ଖରିନାସୀରେ ଯୁବକ ମୃତ୍ୟୁ ଘଟଣା

ମହାକାଳପଡ଼ା, ୧୯।୧(ଡି.ଏନ୍.ଏ)





ପୋଲିସ ସୁରକ୍ଷାରେ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମକୁ ଅଣାଯାଉଛି।

କେନ୍ଦ୍ରାପଡ଼ା ଜିଲା ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସୀ ଗାଁରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ସୋମବାର ଅପରାହ୍ନରେ ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇ ଗାଁର ମୁଖ୍ୟ ରାସ୍ତାରେ ପୋଡ଼ାଜଳା କରିଥିଲେ। ପୋଲିସ ସହ ମଧ୍ୟ ଧସ୍ତାଧସ୍ତି ହୋଇଥିଲା। ଫଳରେ ଘଟଣାସ୍ଥଳରେ ୩୦ ଘଣ୍ଟାରୁ ଅଧିକ ପ୍ରଶାସନିକ ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ ଅଛନ୍ତି। ତେବେ ମୃତ ଯୁବକ ସୌରଭଙ୍କ ମୃତଦେହ ପୋଲିସ ହେପାଜତ୍‌ରେ ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସୌରଭଙ୍କ ମୃତଦେହ ଦେଖିବାକୁ ରାମନଗର ବଜାରଠାରୁ ଖରିନାସୀ ଗାଁ ପର୍ଯ୍ୟନ୍ତ ଲୋକମାନେ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା। ରିପୋର୍ଟ ଲେଖା ବେଳକୁ ମୃତଦେହ ସଂସ୍କାର ହୋଇ ନ ଥିବା ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଡିଏସ୍‌ପି, କାର୍ତ୍ତିକ ଚନ୍ଦ୍ର ମଲିକ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଜମ୍ବୁ ସାମୁଦ୍ରିକ ଥାନା, ମାର୍ଶାଘାଇ ଥାନା, କେନ୍ଦ୍ରାପଡା ଟାଉନ୍ ଥାନା ଅଧିକାରୀଙ୍କ ସମେତ ଦୁଇ ପ୍ଲାଟୁନ୍ ଫୋର୍ସ ପଇଁତରା ମାରୁଥିବା ଦେଖିବାକୁ ମିଳୁଛି।

# ସକାଳେ ଯାନବାହନ ଧରପଗଡ଼, ସନ୍ଧ୍ୟାରେ ସଡ଼କ ସୁରକ୍ଷା ସଚେତନତା

ନୟାଗଡ଼ ଅଫିସ,୧୯।୧

ସଡ଼କ ସୁରକ୍ଷା ସଚେତନତା ମାସରେ ମଙ୍ଗଳବାର ସକାଳେ ନୟାଗଡ ଆଞ୍ଚଳିକ ପରିବହନ ପକ୍ଷରୁ ଓଡଗାଁ ଅଞ୍ଚଳରେ ଯାନବାହନ ଧରପଗଡ କରାଯାଇଛି। ସନ୍ଧ୍ୟାରେ ଲୋକଙ୍କୁ ସଡ଼କ ସୁରକ୍ଷାର ବିଭିନ୍ନ ଆଇନ ସମ୍ପର୍କରେ ସଚେତନତା କରାଯାଇଛି। ଯାଞ୍ଚ ସମୟରେ ଡାଲା ଅଟୋରେ ଲୋକମାନଙ୍କୁ ନିଆ ଯାଉଥିବା ଓ ଯାନବାହାନରେ ଅଧିକ ଯାତ୍ରୀ ନେଇ ଯାଉଥିବା ଦୃଶ୍ୟ ନଜରକୁ ଆସିଥିଲା। ସେହିପରି ଟ୍ରାଫିକ ନିୟମକୁ ଅଣଦେଖା କରୁଥିବା ଚାଳକମାନଙ୍କୁ ଦଣ୍ଡିତ କରାଯାଇଛି। ନୟାଗଡ ଆଞ୍ଚଳିକ ପରିବହନର ସୂଚନା ଅନୁସାରେ ୪୩ଜଣଙ୍କ ଭିସିଆର ଚାଲାଣ କଟା ଯାଇଥିବାବେଳେ ୨୭ ଜଣ ହେଲମେଟ ପିନ୍ଧି ନ ଥିବାରୁ ଫାଇନ କଟା ଯାଇଛି। ସେହିପରି ଓଭର ଲୋଡ କରି ଯାଉଥିବା ଗୋଟିଏ ଗାଡି, ଫୋନରେ କଥା ହୋଇ ଗାଡି ଚଳାଉଥିବା ୨ଜଣ ଚାଳକ, ସିଟ ବେଲ୍ଟ ପିନ୍ଧି ନ ଥିବା ଜଣେ ଚାଳକଙ୍କ ନାଁରେ ମଧ୍ୟ ମାମଲା ହୋଇଛି। ଯାଞ୍ଚ ସମୟରେ ୨୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି। ଆରଟିଓ ସମ୍ପିତ କୁମାରଙ୍କ ନିର୍ଦ୍ଦେଶରେ ଟ୍ରାଫିକ ସବଇନ୍ସପେକ୍ଟର ସ୍ୱୟଂପ୍ରଭା ରଥ ଯାଞ୍ଚ କରୁଥିଲେ।

# କୋଭିଡ୍ ନିୟମରେ ହେବ ସାଧାରଣତନ୍ତ୍ର ଦିବସ

ଯାଜପୁର ଅଫିସ,୧୯।୧:

ସାଧାରଣତନ୍ତ୍ର ଦିବସକୁ କୋଭିଡ୍ ନିୟମ ଅନୁସାରେ ପାଳନ କରାଯିବ। ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଯୋଗଦେଇ ଏହି ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ କହିଥିଲେ, ଗତ ସ୍ୱାଧୀନତା ଦିବସ ଭଳି ସାଧାରଣତନ୍ତ୍ର ଦିବସ ପାଳିତ ହେବ ଓ ସମସ୍ତେ ଏଥିରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ସାଧାରଣତନ୍ତ୍ର ଦିବସ ଜିଲା ସ୍କୁଲ ପଡିଆରେ ଆୟୋଜିତ ହେବ। ଦିବସ ଦିନ ଭୋର୍ ସାଢେ ୪ଟାରେ ସହର ମଧ୍ୟରେ ରାମଧୂନ ପରିବେଷଣ କରାଯିବ। ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନ ପୂର୍ବାହ୍ନ ସାଢ଼େ ୭ଟା ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରିବେ। ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ୮ଟା ୧୫ରେ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ପରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ନ ସାଢେ ୮ଟାରେ ଜିଲା ସ୍କୁଲ ପଡିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ପରିବେଷଣ କରାଯିବ। ପରେଡରେ କେବଳ ପୋଲିସ ବାହିନୀ ସାମିଲ ହେବେ।

# ଜିଲାପାଳ, ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ଥାନାରେ ଏତଲା

## ଚିନିକଳରୁ ଚୋରି ୨୫ କୋଟି ସମ୍ପତ୍ତିର ମୂଲ୍ୟ ଭରଣା ଦାବି

ନୟାଗଡ଼ ଅଫିସ,୧୯।୧

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳରୁ ଚୋରି ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିର ମୂଲ୍ୟ ଭରଣା ପାଇଁ ନୟାଗଡ ଜିଲାପାଳ ପୋମା ଟୁଡୁ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକ ସବୀର ପଣ୍ଡାଙ୍କ ବିରୋଧରେ ନୟାଗଡ ସଦର ଥାନାରେ ମଙ୍ଗଳବାର ଏତଲା ଦିଆଯାଇଛି। ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। କଂଗ୍ରେସ ଜିଲା ସଭାପତି ରଣଜିତ ଦାଶଙ୍କ ଅଭିଯୋଗ ଅନୁସାରେ ସମବାୟ ବିଭାଗ ଅଧୀନରେ ଚିନିକଳ ରହିଛି। ଏହାର ଆକଳନ ମୂଲ୍ୟ ପ୍ରାୟ ୩୦ କୋଟି ଟଙ୍କା। ଚିନିକଳର ସୁରକ୍ଷା ଦାୟିତ୍ୱ ହାଇକୋର୍ଟ ଡବ୍ଲୁପି (ସି) ୨୬୭୫୪ ନଂ/ ୪।୧୨।୨୦ ନିର୍ଦ୍ଦେଶ ଅନୁସାରେ ଜିଲାପାଳ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକଙ୍କ ଉପରେ ନ୍ୟସ୍ତ କରାଯାଇଛି। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ପୋଲିସ ମୁତୟନ କରା ନ ଯିବାରୁ ଚିନିକଳରୁ ପ୍ରାୟ ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ହୋଇ ସାରିଲାଣି। ଚିନିକଳର ସୁରକ୍ଷା ପାଇଁ ଆମେ ଏପରି ପଦକ୍ଷେପ ନେଇଛୁ ବୋଲି ସେ କହିଛନ୍ତି।

# ୩୦ ସୁନା ଚେନ୍, ବାଇକ୍ ଜବତ

## ଗହଣା ଦୋକାନରୁ ଚୋରି ମାମଲା

ଜଗତ୍‌ସିଂହପୁର ଅଫିସ, ୧୯।୧: ତିର୍ତ୍ତୋଲ ଥାନା ଅଧୀନ ଜଗନ୍ନାଥପୁର ବଜାରସ୍ଥିତ ଶାରଳା ଜୁଏଲେରି ଦୋକାନରୁ ୭ ଜାନୁୟାରୀରେ ହୋଇଥିବା ଚୋରି ଘଟଣାରେ ପୋଲିସ ଜଣକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏହି ପ୍ରସଙ୍ଗରେ ଏସ୍‌ପି ପ୍ରକାଶ ଆର୍ ମଙ୍ଗଳବାର ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ନୂଆପଡା ଜିଲା ଖରିଆର ରୋଡର ଜାହିର ହୁସେନ(୨୧)ଙ୍କଠାରୁ ଚୋରି ହୋଇଥିବା ୩୦ ସୁନା ଚେନ ଓ ଗୋଟିଏ ବାଇକ ଜବତ କରାଯାଇଛି। ଏହି ଚୋରିରେ ଅନ୍ୟ ୬ ଜଣଙ୍କ ସମ୍ପୃକ୍ତି ଥିବାବେଳେ ଗିରଫ ଅଭିଯୁକ୍ତଙ୍କଠାରୁ ଅନେକ ପ୍ରମାଣ ମିଳିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ୩ଟି ବାଇକ୍‌ରେ ଗତ ୭ ତାରିଖରେ ଅଭିଯୁକ୍ତମାନେ ଜଗତ୍‌ସିଂହପୁର ଆସିଥିଲେ। ତା’ପରେ ଯୋଜନା ମୁତାବକ ଉପରୋକ୍ତ ଗହଣା ଦୋକାନରୁ ଚୋରି କରିଥିଲେ। ୨ ଜଣ ଗହଣା ଦୋକାନରେ ପଶିଥିବା ବେଳେ ଅନ୍ୟମାନେ ବାହାରେ ଅପେକ୍ଷା କରିଥିଲେ। ସୁନାଚେନ ବାକ୍ସ ଚୋରି କରି ସାରିବା ପରେ ସେମାନେ ସେଠାରୁ ବାଇକ୍ ଯୋଗେ ଖସି ଯାଇଥିଲେ ବୋଲି ଗିରଫ ଅଭିଯୁକ୍ତ ସ୍ୱୀକାର କରିଥିବା ଏସ୍‌ପି ଉଲ୍ଲେଖ କରିଛନ୍ତି। ଏହା ଉପରେ ଟିଆଇ ପରେଡ୍ କରିବା ପାଇଁ କୋର୍ଟରେ ଆବେଦନ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

# ଟ୍ରାକ୍ଟର ଧକ୍କାରେ ବୃଦ୍ଧା ମୃତ

କୋରେଇ/ପାଣିକୋଇଲି,୧୯।୧ (ସ୍ୱ.ପ୍ର./ଡି.ଏନ.ଏ.)

ବୈତରଣୀ ନଦୀରୁ ଏକ ଟ୍ରାକ୍ଟର ଯୋଗେ ବେଆଇନ ଓ ଓଭରଲୋଡିଂ ବାଲି ଚାଲାଣ ଯୋଗୁ ମଙ୍ଗଳବାର ପୂର୍ବାହ୍ନରେ ବରୁଣ୍ଡେଇ ବଜାରରେ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତ ବୃଦ୍ଧା ଜଣକ ହେଲେ କୋରେଇ ବ୍ଲକ କନ୍ତର ପଞ୍ଚାୟତ ପୂର୍ବକୋଟ ଗ୍ରାମର ଆଉଲା ବାଉରୀ(୬୦)। ଆଉଲା ପୁଅ ସହ ସକାଳେ ବରୁଣ୍ଡେଇ ବଜାରରୁ ମୁକୁନ୍ଦପୁରକୁ ଭିକ୍ଷା ମାଗିବାକୁ ଯାଉଥିଲେ। ଏହି ସମୟରେ ମୁକୁନ୍ଦପୁର ଆଡୁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟର ସାମ୍ନା ପଟୁ ତାଙ୍କୁ ଧକ୍କା ଦେଇଥିଲା। ଆଉଲା ପଡିଯିବାରୁ ତାଙ୍କ ମୁଣ୍ଡ ଉପରେ ଟ୍ରାକ୍ଟର ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ କୋରେଇ ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଟ୍ରାକ୍ଟର ଜବତ କରିଛି। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ସନ୍ଧ୍ୟା ସୁଦ୍ଧା କେଉଁ ବାଲିଘାଟରୁ ବାଲି ଆସୁଥିଲା ତାହା ସ୍ପଷ୍ଟ ହୋଇ ପାରିନାହିଁ।



ଦୁର୍ଘଟଣାସ୍ଥଳରେ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛି।

# ଧାନରେ ଗୋଡ଼ି, ପଥର, ଧୂଷ

ନୟାଗଡ଼ ଅଫିସ,୧୯।୧



ଚମ୍ପତିପୁର ମଣ୍ଡିରେ କଟ୍‌ନୀଛଟ୍‌ନୀକୁ ନେଇ ଚାଷୀମାନେ ପାଟିତୁଣ୍ଡ କରୁଛନ୍ତି।

- କଟ୍‌ନୀଛଟ୍‌ନୀ ରୋକିବାରେ ପ୍ରଶାସନ ବିଫଳ
- ୬ କେଜି ଧାନ କାଟିବାକୁ ନେଇ ଉତ୍ତେଜନା
- ମାନ ପରୀକ୍ଷା ପାଇଁ ଯନ୍ତ୍ରର ବ୍ୟବସ୍ଥା ନାହିଁ
- ଅବ୍ୟବସ୍ଥା ସୁଧୁରୁ ନ ଥିବାରୁ ଆନ୍ଦୋଳନ ତେଜୁଛି

ଧାନକିଣାରେ କଟ୍‌ନୀଛଟ୍‌ନୀ ନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି ଚାଷୀଙ୍କ ଧାନକୁ ଗୋଡି, ପଥର, ଧୂଷ, ବାଲି, ଅଗାଡି ଦେଖାଇ ନୟାଗଡ ଜିଲାର ବିଭିନ୍ନ ମଣ୍ଡିରେ କଟ୍‌ନୀଛଟ୍‌ନୀ ଚାଲିଛି। ୫୦ କେଜି ଧାନରୁ ୫ରୁ ୧୦ କେଜି କଟାଯାଉଥିବା ଅଭିଯୋଗ ଆସିଛି। ଏନେଇ ମଙ୍ଗଳବାର ନୟାଗଡ ବ୍ଲକ ଅଧୀନ ଚମ୍ପତିପୁର ମଣ୍ଡିରେ ଉତ୍ତେଜନା ପ୍ରକାଶ ପାଇଥିଲା। ୫୦ କେଜି ଧାନରୁ ୬କେଜି ଲେଖାଏ କଟାଯାଉଥିବା ଜଣାପଡିବା ପରେ ଚାଷୀ ପାଟିତୁଣ୍ଡ କରିଥିଲେ। ତଥାପି ଅନ୍ୟ କୌଣସି ଉପାୟ ନ ଥିବାରୁ ଚାଷୀ ବାଧ୍ୟ ହୋଇ ଧାନ ବିକ୍ରି କରିଥିଲେ। ଅନ୍ୟପକ୍ଷେ ବିଭିନ୍ନ ମଣ୍ଡିରେ ଧାନର ମାନ ପରୀକ୍ଷା ପାଇଁ ଆବଶ୍ୟକ ଯନ୍ତ୍ର ନାହିଁ। କିପରି ମାନ ପରୀକ୍ଷା କରାଯାଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତବର୍ଷ ନଭେମ୍ବର ୧୬ରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନୟାଗଡ ଜିଲାସ୍ତରୀୟ ଧାନ କ୍ରୟକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ୧୯ ଜଣ ମିଲର ଧାନ କିଣିବାକୁ ନିୟୋଜିତ ହୋଇଛନ୍ତି ବୋଲି ବୈଠକରେ ଘୋଷଣା କରାଯାଇଥିଲା। ଏଫ୍‌ଏକ୍ୟୁ ମାନର ଧାନ ଦେଲେ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ମିଳିବ ବୋଲି ଚାଷୀଙ୍କୁ କୁହାଯାଇଥିଲା। ଧାନରେ କଟ୍‌ନୀଛଟ୍‌ନୀ ନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭଲ ଧାନ ନ ଦେଲେ ଚାଷୀଙ୍କୁ ଫେରସ୍ତ ନେବାକୁ ପଡିବ ବୋଲି କୁହାଯାଇଥିଲା। ତେବେ ଧାନମଣ୍ଡିରେ କଟ୍‌ନୀଛଟ୍‌ନୀକୁ ରୋକା ଯାଇପାରିନି।

ଚାଷୀ ଡମ୍ବରୁ ନାୟକ କୁହନ୍ତି, ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ମଣ୍ଡିରେ ଅଧ କୁଇଣ୍ଟାଲ ଧାନରୁ ୫କେଜି ଲେଖାଏ କଟା ଯାଉଛି। ପ୍ରତିବାଦ କଲେ ଧାନ ଫେରସ୍ତ ନେଇ ଯାଆନ୍ତୁ ବୋଲି ଧମକ ଦିଆଯାଉଛି। ଖର୍ଚ୍ଚାନ୍ତକୁ ଡରି ଆମେ ବାଧ୍ୟ ହୋଇ ଧାନ ବିକୁଛୁ ବୋଲି ସେ କହିଛନ୍ତି। ନୟାଗଡ଼ର ଭାଜପା ନେତା ସନ୍ତୋଷ ପ୍ରଧାନ କୁହନ୍ତି, ଚମ୍ପତିପୁରରେ ୬କେଜି ଲେଖାଏ ଧାନ କଟା ଯାଉଥିଲା। ପ୍ରତିବାଦ କରିବାରୁ ମିଲର ଧାନ ଉଠିବ ନାହିଁ କହିଲେ। ଚାଷୀଙ୍କ ହଇରାଣକୁ ଦେଖି ୨ରୁ ୩ କେଜି କାଟିବାକୁ ଅନୁରୋଧ କରାଗଲା। ଉତ୍ତେଜନାକୁ ଏଡାଇବା ପାଇଁ ମିଲର ଧାନ ନେବାକୁ ରାଜି ହୋଇଥିଲେ। ଏନେଇ ସିଏସ୍‌ଓଙ୍କୁ ଯୋଗାଯୋଗ କରିଥିଲି। ସେ କହିଥିଲେ ଭଲ ଧାନ ହୋଇ ନ ଥିଲେ ମିଲର ଫେରାଇ ପାରିବେ, କଟ୍‌ନୀଛଟ୍‌ନୀ କରିପାରିବେ ନାହିଁ। ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଧାନରେ ଅଳିଆ ରହୁଥିବା ଦର୍ଶାଇ ପ୍ରତି ମଣ୍ଡିରେ ଧାନ କଟାଯାଉଛି। କେଉଁଠି ୫ ତ’ ଅନ୍ୟ କେଉଁଠି ୭ କେଜି। ମିଲରଙ୍କ ମର୍ଜି ଉପରେ ଧାନ କାଟିବା ନିର୍ଭର କରୁଛି। ପ୍ରତିବାଦ କଲେ ଧାନ ନେବାକୁ କେହି ରାଜି ହେଉନାହାନ୍ତି। ଚାଷୀ ଖର୍ଚ୍ଚାନ୍ତ ହୋଇ ପୁଣି ଧାନ ଘରକୁ ନେବାକୁ ଚାହୁଁ ନାହିଁ ବୋଲି ସେ କହିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ବ୍ରଜବନ୍ଧୁ ନାୟକ, କୁହନ୍ତି ଚମ୍ପତିପୁର ମଣ୍ଡିରେ ଧାନ କଟାଯାଉଥିବା ସମ୍ପର୍କରେ ଅଭିଯୋଗ ପାଇନାହିଁ। ମିଲର କଟ୍‌ନୀଛଟ୍‌ନୀ କରି ପାରିବେ ନାହିଁ। ବରଂ ଭଲ ଧାନ ନ ହୋଇଥିଲେ କିଣିବେ ନାହିଁ ବୋଲି ସେ କହିଥିଲେ। ଏହି ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

